# କଟକଣା ନାହିଁ, ଜିଲାରେ ମାତିଛନ୍ତି କ୍ୱାକ୍

**ରାୟଗଡ଼ା,୧୬।୧୨(ସ୍ୱ.ପ୍ର.)**

■ ଧରାପଡ଼ିଲେ ପ୍ରମାଦ, ନ ହେଲେ ରୋଗୀଙ୍କୁ ଲୁଟି ମାଲାମାଲ
■ ଆର୍‌ଏମ୍‌ଆର୍‌ସି ତାଗିଦ ସତ୍ତ୍ୱେ ଚେତୁନି ସ୍ୱାସ୍ଥ୍ୟ ବିଭାଗ

ରାୟଗଡ଼ାରେ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ପ୍ରତ୍ୟେକ ବ୍ଲକ ଏବଂ ଗ୍ରାମାଞ୍ଚଳରେ ରହିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ତଥାପି ମାତି ଚାଲିଛନ୍ତି କ୍ୱାକ୍। ସରକାରୀ ଡାକ୍ତରଖାନାରେ ମାଗଣା ଚିକିତ୍ସା ସୁବିଧା ରହିଥିଲେ ମଧ୍ୟ କ୍ୱାକ୍‌ଙ୍କ ପାଖକୁ ଛୁଟୁଛି ରୋଗୀଙ୍କ ସୁଅ। ସାମାନ୍ୟ ଜର, ଥଣ୍ଡା, କାଶ ହେଲେ ଗ୍ରାମାଞ୍ଚଳରେ ସମସ୍ତଙ୍କ ପ୍ରଥମ ଭରସା କ୍ୱାକ୍। ଜଣେ ରୋଗୀ କ୍ୱାକ୍ ନିକଟକୁ ଗଲେ ତା'ର ସର୍ବସ୍ୱ ସମ୍ପତ୍ତି ଲୁଟିବାକୁ ପ୍ରସ୍ତୁତ ରହିଥାନ୍ତି କ୍ୱାକ୍‌ମାନେ। ଶିକ୍ଷିତ ହୁଅନ୍ତୁ କି ଅଶିକ୍ଷିତ, ଜୀବନ ଗଲେ ପଛେ ଯାଉ ଡାକ୍ତର ବଦଳରେ କ୍ୱାକ୍‌ଙ୍କୁ ବାଛିଥାନ୍ତି ରୋଗୀ। ଏହାର ମୁଖ୍ୟ କାରଣ ହେଉଛି ଚିକିତ୍ସା ବିଭାଗ ପକ୍ଷରୁ ଉପଯୁକ୍ତ ସଚେତନତାର ଅଭାବ। ଏପରି କି କିଛି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ନିୟମିତ ଆସୁ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି କହିଛନ୍ତି କେତେଜଣ ସାମାଜିକ କର୍ମୀ। ଏବେ କେବଳ ଗ୍ରାମାଞ୍ଚଳ ନୁହେଁ, ସହରାଞ୍ଚଳରେ ମଧ୍ୟ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ରୋଗୀ କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସିତ ହୋଇ ପରବର୍ତ୍ତୀ ସମୟରେ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇ ପ୍ରାଣ ହରାଇଥିବା ଉଦାହରଣ ମଧ୍ୟ ରହିଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଗ୍ରାମରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ ଆଜିବି ସେଠାରେ ଡାକ୍ତରଙ୍କ ଅପେକ୍ଷା କ୍ୱାକ୍‌ଙ୍କ ସଂଖ୍ୟା ଅଧିକ ଥିବା ସୂଚନା ମିଳିଛି। ପୂର୍ବରୁ ଏ ନେଇ ଆର୍‌ଏମ୍‌ଆର୍‌ସି କର୍ତ୍ତୃପକ୍ଷ ନିୟନ୍ତ୍ରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଏଥିପ୍ରତି କାହାରି ଆନ୍ତରିକତା ନ ଥିବା ଅଭିଯୋଗ କରିଛନ୍ତି କେତେଜଣ ସାମାଜିକ କର୍ମୀ।

ପ୍ରକାଶ ଯେ, ଗତ ଜୁଲାଇରେ କାଶୀପୁର ବ୍ଲକରେ ହଇଜା ବ୍ୟାପିଥିଲା। ସେ ସମୟରେ ଆର୍‌ଏମ୍‌ଆର୍‌ସି ଟିମ୍ ମୁଖ୍ୟ ଡାକ୍ତର ବିଭୂତି ଭୂଷଣ ପାଳ କାଶୀପୁର ଗସ୍ତରେ ଆସି ବିଭିନ୍ନ ଗାଁ ବୁଲି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେଠାକାର ସ୍ଥିତି ଦେଖିଥିଲେ। ସେ ସବୁ ଅଞ୍ଚଳରେ କ୍ୱାକ୍‌ଙ୍କ ରାଜ୍ ଚାଲିଥିବା ନେଇ ସେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ସତର୍କ କରାଇଥିଲେ। ହେଲେ କ୍ୱାକ୍‌ଙ୍କୁ ଧରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏ ପର୍ଯ୍ୟନ୍ତ ସଫଳ ହୋଇନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ନିକଟରେ ଜେକେପୁରରେ ଜଣେ କ୍ୱାକ୍‌ଙ୍କ ପାଖରେ ଚିକିତ୍ସିତ ହୋଇ ଚାନ୍ଦିଲି ଗ୍ରାମର ପ୍ରଶାନ୍ତ କୌଶଲ୍ୟାଙ୍କ ମୃତ୍ୟୁ ଘଟଣା । ତାଙ୍କ ମୃତ୍ୟୁ ପରେ ପୋଲିସରେ ମାମଲା ରୁଜୁ ହୋଇଛି। କ୍ୱାକ୍ ଜଣକ କେଇବର୍ଷ ହେଲାଣି ସେଠାରେ କ୍ଲିନିକ୍ କରି ଚିକିତ୍ସା କରୁଛନ୍ତି। ହେଲେ ଜିଲା ସଦର ମହକୁମାରୁ ମାତ୍ର ୧୦ କି.ମି. ଦୂର ଜେକେପୁରରେ ଜାତୀୟ ରାଜପଥ କଡ଼ରେ ବେଆଇନ କ୍ଲିନିକ୍ ଥାଇ ମଧ୍ୟ ସ୍ୱାସ୍ଥ୍ୟାଧିକାରୀଙ୍କ ନଜର ନ ପଡ଼ିବା ଆଶ୍ଚର୍ଯ୍ୟର ବିଷୟ। କାଶୀପୁର, ମୁନିଗୁଡ଼ା, ରାମନାଗୁଡ଼ା, କୋଲନରା, ରାୟଗଡ଼ା, ଗୁଡ଼ାରି ସମେତ ଜିଲାର ୧୧ଗୋଟି ବ୍ଲକ୍‌ରେ କ୍ୱାକ୍‌ମାନେ ଖୋଲାଖୋଲି ଭାବେ ଚିକିତ୍ସା ଚଳାଇଛନ୍ତି। ସେମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ନ ଥିବା ଆଶ୍ଚର୍ଯ୍ୟଜନକ ବୋଲି ସାମାଜିକ କର୍ମୀମାନେ କହିଛନ୍ତି। ଗତ ଦିନରେ ରାୟଗଡ଼ା ସହରର ମେନ୍‌ରୋଡ୍‌ରେ ଜଣେ କ୍ୱାକ୍ କ୍ଲିନିକ ଖୋଲି ରୋଗୀଙ୍କ ଚିକିତ୍ସା କରୁଥିବା ସମୟରେ ଧରାପଡ଼ିଥିଲେ। ତଥାପି ଜାଣିପାରି ନ ଥିଲା ସ୍ୱାସ୍ଥ୍ୟ ବିଭାଗ। ଜିଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ଏବଂ କ୍ୱାକ୍‌ମାନଙ୍କ ପ୍ରତି କଠୋରତା ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । କ୍ୱାକ୍‌ମାନଙ୍କ ପାଇଁ କିଭଳି ନିୟମାବଳୀ ରହିଛି ସେ ନେଇ ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ, ଆମ ନଜରକୁ ଯାହା ଆସୁଛି ତାହା ଉପରେ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ନିକଟରେ ଜେକେପୁରରେ ପ୍ରଶାନ୍ତଙ୍କ ମୃତ୍ୟୁ ପରେ ଉକ୍ତ ନକଲି ଡାକ୍ତରଙ୍କ ବିରୋଧରେ ତଦନ୍ତ କରୁଛି ସ୍ୱାସ୍ଥ୍ୟ ବିଭାଗ। ଉକ୍ତ କ୍ୱାକ୍‌ଙ୍କ ବିରୋଧରେ ମାନବାଧିକାର କର୍ମୀ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ କରିଥିବା ବେଳେ ଜିଲା ସ୍ୱାସ୍ଥ୍ୟ ବିଭାଗ ତଦନ୍ତ କରୁଥିବା ସେ କହିଛନ୍ତି।

## ସଂକ୍ଷେପରେ

### ପୋଲ ତଳକୁ ଖସିପଡ଼ି ବାଇକ୍ ଚାଳକ ମୃତ

ପାପଡ଼ାହାଣ୍ଡି,୧୬।୧୨(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ଭର୍ଲା ଛକରୁ ନାକଟିଗୁଡ଼ା ରାସ୍ତା ନିକଟରେ ଥିବା ପୋଲ ତଳକୁ ବାଇକରୁ ପଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ନାକଟିଗୁଡ଼ାର ଖଗପତି ପୂଜାରୀ। ସେମଳାର ନିରଞ୍ଜନ ପୂଜାରୀ ଗୁରୁତର ଥିବା ଜଣାପଡ଼ିଛି। ସୂଚନା ପ୍ରକାରେ ଖଗପତି ଓ ନିରଞ୍ଜନ ବାଇକ (ଓଆର୍-୧୦ଜେ-୪୪୩୫)ରେ କୌଣସି ଏକ କାର୍ଯ୍ୟରେ ନାକଟିଗୁଡ଼ାରୁ ତୁମ୍ଭର୍ଲା ଆସିଥିଲେ। ଘରକୁ ଫେରିବା ସମୟରେ ଭାରସାମ୍ୟ ହରାଇ ଟୁରୀ ନଦୀ ପୋଲ ତଳେ ପଡ଼ିଯାଇଥିଲେ। ତଳେ ଥିବା ସ୍ଲାବ୍‌ରେ ପିଟିହୋଇଯାଇଥିଲେ। ଘଟଣାସ୍ଥଳରୁ ହିଁ ଖଗପତିଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ନିରଞ୍ଜନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ପଠାଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପାପଡ଼ାହାଣ୍ଡି ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ କରୁଛନ୍ତି।

### ସରପଞ୍ଚଙ୍କୁ ଅଙ୍ଗନୱାଡ଼ି କର୍ମୀଙ୍କ ଦାବିପତ୍ର



ତେନ୍ତୁଳିଖୁଣ୍ଟି, ୧୬।୧୨(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ପୂଜାରିଗୁଡ଼ା ପଞ୍ଚାୟତର ସମସ୍ତ ୧୫ ଅଙ୍ଗନୱାଡ଼ିର ଓ ୨ ମିନି ଅଙ୍ଗନୱାଡ଼ି କର୍ମୀ ପୂଜାରିଗୁଡା ସରପଞ୍ଚ ଅନାଦି ମାଝିଙ୍କୁ ୮ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ଦ୍ୱାରା ଏସ୍‌ଏଚ୍‌ଜି, ୱାର୍ଡ ମେମ୍ବର, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯେଉଁ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯାଇଛି ତାହା ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଦାବିକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ସରପଞ୍ଚ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ତେନ୍ତୁଳିଖୁଣ୍ଟି ବ୍ଲକ ସଭାନେତ୍ରୀ ହେମଲତା ନାୟକ, କାମକଳା ନାୟକ, ବିଳାସିନୀ ସୁନା, ପ୍ରଭାତୀ ହରିଜନ, ଖଗେଶ୍ୱରୀ ମୁଦୁଲି, ମୁକ୍ତା ନାୟକ, ସୁବାସିନୀ ମିର୍ଗନ ଓ ସମସ୍ତ ସହାୟିକା ଉପସ୍ଥିତ ଥିଲେ।

### ଶିଳ୍ପୋଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୬।୧୨(ବି.ପ୍ର.)-ଓଡ଼ିଶା ସରକାରଙ୍କ ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ପକ୍ଷରୁ ନବରଙ୍ଗପୁର ଆଇଟିଆଇ କଲେଜ ପରିସରରେ ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ଯୁବତୀ ଭାଗନେଇଥିଲେ। ୨ ସପ୍ତାହ ଧରି ଏହି କାର୍ଯ୍ୟକ୍ରମ ଚାଲିବ। କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚିଫ୍ ମ୍ୟାନେଜର ସୁକୁମାର ବକ୍ସି, ରାଜ୍ୟ ଶିଳ୍ପୋଦ୍ୟୋଗୀ ପ୍ରତିଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ଗୋକୁଳ ନନ୍ଦନ ଭୋଲ, ଜିଲା ଶିଳ୍ପକେନ୍ଦ୍ର ଶିଳ୍ପ ବିକାଶ ଅଧିକାରୀ ଜୟନ୍ତ କଅଁର, କୋଣାର୍କ ଆଇଟିଆଇର ଅଧକ୍ଷା ମମତା କୁମାରୀ ପାଢ଼ୀ, ଆଧାପକ ପ୍ରଦୀପ ପଟ୍ଟନାୟକ, ଶ୍ରୀନିବାସ ରାଓ, ଅନୁଷ୍ଠାନ ଉପଦେଷ୍ଟା ପୂର୍ଣ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୂଜାରିଗୁଡ଼ା ସରକାରୀ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

ଚନ୍ଦାହାଣ୍ଡି, ୧୬।୧୨(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ପୂଜାରିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜଳନ୍ଧର ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଦିଲୀପ ଦାସ, ବିଦ୍ୟାଳୟ ସଭାପତି ଭୀମ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ସାହୁ, ମୀନକେତନ ସାହୁ,ଚନ୍ଦାହାଣ୍ଡି ଥାନା ଏଏସ୍‌ଆଇ ଖଗେଶ୍ୱର ଖୋସ୍‌ଲା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବାବୁଧର ସାହୁଙ୍କ ଅଧକ୍ଷତାରେ ପୂଜାର୍ଚ୍ଚନା ପରେ କ୍ରୀଡ଼ା ମଶାଲ ବାହାରିଥିଲା। ସମସ୍ତ ଖେଳକୁ ଶାରୀରିକ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ କର, ସନ୍ତୋଷ ଖମ୍ବାରି, ପୁରୁଷୋତ୍ତମ ନାୟକ ପରିଚାଳନା କରିଥିଲେ। ଶିକ୍ଷକ ସଚ୍ଚିଦାନନ୍ଦ ବିଶି, ସୁରେଶ ସାହୁ, ଗୁନେଶ୍ୱର ନାୟକ, ମଧୁ ମେହେର, ଦିବାକର ନାୟକ, ଚନ୍ଦ୍ରମଣି ସାମଲ, ସଦାନନ୍ଦ ନାୟକ, ଗଜେନ୍ଦ୍ର ମାଝି, ପ୍ରେମରାଜ ମହାକୁଡ଼, ହେମଲାଲ୍ ନାୟକ,ସଙ୍ଗୀତା ବେହେରା, ଧୀରଜ ବିଶ୍ୱାସ ପ୍ରମୁଖ ଖେଳ ପରିଚାଳନାରେ କ୍ରୀଡ଼ାରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

## ଜାନୁୟାରୀ ୧୦ରୁ ଇଡିତାଲ ପାଳନ ପ୍ରସ୍ତାବ

**ଗୁଣପୁର,୧୬।୧୨(ଡି.ଏନ୍.ଏ.)**



ବୈଠକରେ ଆଇଟିଡିଏ ପିଏ, ଗୁଣପୁର ପୌରାଧକ୍ଷା, ପଞ୍ଚାୟତ ସମିତି ଅଧକ୍ଷା ଓ ଅନ୍ୟମାନେ।

ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଚଇତି ଇଡିତାଲ ପାଳନ ପାଇଁ ପ୍ରସ୍ତୁତି ବୈଠକ ଉପ ଜିଲାପାଳ ଲଳିତ କୁମାର କହଁରଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ରୂପେ ଆଇଟିଡିଏ ପିଏ ଲୋକନାଥ ଦଳବେହେରା, ଗୁଣପୁର ପୌର ପରିଷଦ ଅଧକ୍ଷା ମମତା ଗୌଡ଼, ପଞ୍ଚାୟତ ସମିତି ଅଧକ୍ଷା ଝିଲି ଶବର ଯୋଗ ଦେଇଥିଲେ।

ଜାନୁୟାରୀ ୧୦, ୧୧ ଏବଂ ୧୨ ରେ ଗୁଣପୁର ଚଇତି 'ଇଡିତାଲ' ପାଳନ ନିମନ୍ତେ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇ ଜିଲାପାଳଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରିବାକୁ ପ୍ରସ୍ତାବ ରଖାଯାଇଛି। ଉପ ଜିଲାପାଳଙ୍କ ଅଧକ୍ଷତାରେ ବିଭିନ୍ନ ଉପ କମିଟି ଗଠନ କରାଯାଇଛି। ଉକ୍ତ କମିଟିର ଏକ ବୈଠକ ଆଗାମି ଦିନରେ କରାଯାଇ ୨୧ ସୁଦ୍ଧା ଉପ ଜିଲାପାଳଙ୍କ ନିକଟରେ ସେମାନଙ୍କ ପ୍ରସ୍ତାବ ରଖିବା ନିମନ୍ତେ ଅନୁରୋଧ କରାଯାଇଛି। ଉତ୍ସବ ପାଳନ ସମୟରେ ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କ ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବା ନିମନ୍ତେ ପ୍ରସ୍ତାବ ପାରିତ ହୋଇଛି। ଇଡିତାଲ ଗୁରୁ ଲକ୍ଷ୍ମଣ ଶବରଙ୍କ ପ୍ରସ୍ତାବ ଅନୁଯାୟୀ ଇଡାଇ ଇଡିତାଲ ରଖିବା ନିମନ୍ତେ ଏକ ଆଲୋଚନା ହୋଇଥିଲା ଏବଂ ଚଇତି ଉତ୍ସବ ଇଡାଇ ଇଡିତାଲ ରଖିବା ନିମନ୍ତେ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ପରିତ କରାଗଲା। ବୈଠକରେ ଗାନ୍ଧୀ ଗ୍ରୁପ୍‌ର ଉପ ସଭାପତି ତଥା ଚଇତି କମିଟିର ଆବାହକ ଚନ୍ଦ୍ରଧଜ ପଣ୍ଡା, ନବ ନିର୍ମାଣ ସମିତି ଅଧକ୍ଷ ଅକ୍ଷୟ କୁମାର ଦାସ, ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ରଥ, କୈଳାସ ଦାସ, ଉମା ଚରଣ ପଟ୍ଟନାୟକ, ପ୍ରେସ୍ ୟୁନିୟନ ସଭାପତି ପ୍ରମୋଦ ସାହୁ, କଳିଙ୍ଗ ସାମ୍ବାଦିକ ସଂଘ ଉପଦେଷ୍ଟା ଶକ୍ତି ଦାସ, ପ୍ରେସ୍ କ୍ଲବ ସଭାପତି ଦେବେନ୍ଦ୍ର ଚୌଧୁରୀ, ଓୟୁଜେ ସମ୍ପାଦକ ରଞ୍ଜିତ କୁମାର ପାଢ଼ୀ, ଅମ୍ବିକା ମହାପାତ୍ର, ରାଜେଶ୍ୱରୀ ଦଳାଇ, ସୁସ୍ମିତା ବାଉରୀଙ୍କ ସମେତ ସରକାରୀ ଅଧିକାରୀ, କର୍ମଚାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଏସ୍‌ଡିଆଇପିଆର୍‌ଓ ଧନଞ୍ଜୟ ବେହେରା ସ୍ୱାଗତ କରିଥିବା ବେଳେ ଉପ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ରାଧାଚରଣ ସେଠି ଧନ୍ୟବାଦ ଦେଇଥିଲେ।

**ଉପଖଣ୍ଡସ୍ତରୀୟ ଚଇତି ପାଳନ ପ୍ରସ୍ତୁତି**

## ଶହୀଦ ଦିବସ ପାଳିତ

**ଟିକିରି,୧୬।୧୨(ଡି.ଏନ୍.ଏ.)**

**ମାଇକଞ୍ଚ ଗୁଳିକାଣ୍ଡର ୨୨ ବର୍ଷ ପୂର୍ତ୍ତି**

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବହୁ ଚର୍ଚ୍ଚିତ ମାଇକଞ୍ଚ ଗୁଳିକାଣ୍ଡର ୨୨ ବର୍ଷ ପୂର୍ତ୍ତି ହୋଇଛି। ଏହି ଉପଲକ୍ଷେ ଶହୀଦଙ୍କୁ ମନେପକାଇ ମାଇକଞ୍ଚ ସ୍ଥିତ ଶହୀଦ ସ୍ତମ୍ଭ ନିକଟରେ ଏହି ଦିବସ ପାଳିତ ହୋଇଯାଇଛି। କାଶୀପୁର ବ୍ଲକରେ ବହୁଚର୍ଚ୍ଚିତ ମାଇକଞ୍ଚ ଗୁଳିକାଣ୍ଡରେ ପୋଲିସ ଗୁଳିରେ ମୃତ୍ୟୁ ଘଟିଥିବା ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସୂଚନାଯୋଗ୍ୟ, ୨୦୦୦ ମସିହା ଡିସେମ୍ବର ୧୬ ରେ କାରଖାନା ପ୍ରତିଷ୍ଠାକୁ ବିରୋଧ କରି ସଂଗ୍ରାମ କରୁଥିବା ପ୍ରାକୃତିକ ସୁରକ୍ଷା ମଞ୍ଚର ୩ ଆଦିବାସୀଙ୍କ ମଧ୍ୟରୁ ମାଇକଞ୍ଚ ଗ୍ରାମର ଅଭିଲାଷ ଝୋଡ଼ିଆ ଏବଂ ବାଗିରିଝୋଲା ଗ୍ରାମର ଦାମଦୋର ଝୋଡ଼ିଆ, ରଘୁନାଥ ଝୋଡ଼ିଆଙ୍କ ପୋଲିସ ଗୁଳିରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ମୃତ ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିବାର ଲୋକେ ଏବଂ ସଂଗ୍ରାମୀ ମାନେ ଏକତ୍ରିତ ହୋଇ ଶହୀଦ ଦିବସ ପାଳିଥାନ୍ତି। ସେହିପରି ବାଗିରିଝୋଲା ସ୍ଥିତ ଶହୀଦ ସ୍ତମ୍ଭ ନିକଟରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ମୃତ ପରିବାରର ସଦସ୍ୟ ଏବଂ ବହୁ ଗ୍ରାମବାସୀ ଯୋଗଦେଇ ଶହୀଦ ସ୍ତମ୍ଭ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଗ୍ରାମବାସୀ ଶହୀଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ଜେକେପୁର ଗୋଷ୍ଠୀ ସଂଘର୍ଷ, ୭ ଗିରଫ

### ସ୍ୱଧାର ଗୃହ ଗଲେ ୨ ନାବାଳକ

**ରାୟଗଡ଼ା,୧୬।୧୨(ସ୍ୱ.ପ୍ର.)**

ରାୟଗଡ଼ା ଜିଲା ଜେକେପୁର ଠାରେ ମହିଳା ଶ୍ରମିକଙ୍କୁ କମେଣ୍ଟମରା ଘଟଣାରେ ଗତ ସୋମବାର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ସଂଘର୍ଷ ଘଟଣାରେ ପୋଲିସ ଶୁକ୍ରବାର ୯ ସମ୍ପୃକ୍ତଙ୍କୁ ଧରିଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ଅନ୍ୟ ୨ ଜଣ ନାବାଳକ ଥିବାରୁ ସେମାନଙ୍କୁ ବାଳ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ଗିରଫ ମାନେ ହେଲେ ଚାନ୍ଦିଲି ପଞ୍ଚାୟତ ଅନ୍ତର୍ଗତ ଟାମ୍ପରଗୁଡ଼ା ଗ୍ରାମର ରବି ପାଲକା, ଅଭି ପାଲକା, ଶ୍ୟାମ ଭତ୍ରିଆ, କଳାହାଣ୍ଡିପଡ଼ାର ରମେଶ ଛତ୍ରିଆ, ସୁଦର୍ଶନ ଛତ୍ରିଆ, ନୂଆପଡ଼ାର ଧନୁର୍ଜୟ ନାଏକ ଏବଂ ବଡ଼ଚାନ୍ଦିଲି ଗ୍ରାମର ବାବୁଲା ସୁନାବଂଶ। ସୂଚନାଯୋଗ୍ୟ, ସୋମବାର ଜେକେପୁର ସ୍ଥିତ ନୂଆପଡ଼ା ଏବଂ ଦେବଦଳା ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ୨ ଗୁରୁତର ଏବଂ ଅନ୍ୟ ୬ ଜଣ ଆହତ ହୋଇଥିଲେ। ଏହାକୁ କେନ୍ଦ୍ରକରି ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ପୋଲିସ ଫୋର୍ସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ମଧ୍ୟ କରାଯାଇଥିଲା।

## ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ପଦ୍ମପୁର,୧୬।୧୨(ଡି.ଏନ୍.ଏ.)**

ପଦ୍ମପୁର ସହର ରାମଚନ୍ଦ୍ରଗୁଡ଼ା ମୁକୁନ୍ଦବିହାର ଠାରେ ଆଇଡିଆଲ ପବ୍ଲିକ ସ୍କୁଲ ପରିସରରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଗିନା ପ୍ରଧାନ ଏହାର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ୟାରେଡ ହୋଇଥିଲା। ବିଡିଓ ମଶାଲ ଗ୍ରହଣ କରିବା ପୂଜାର୍ଚ୍ଚନା ପରେ କ୍ରୀଡ଼ା ପତାକା ଉତ୍ତୋଳନ ହୋଇଥିଲା। ସେ ଛାତ୍ରୀଛତ୍ରଙ୍କ ପକ୍ଷରୁ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ। ପିଲାଙ୍କ ପ୍ୟାରେଡ ଦେଖି ବିଡିଓ ଖୁସି ବ୍ୟକ୍ତ କରିଥିଲେ। ଏହାପରେ ସେ ପାଠ ସହ ଖେଳକୁଦ ମଧ୍ୟ ଜରୁରୀ ବୋଲି ପିଲାଙ୍କ ଉଦ୍ଦେଶ୍ୟରେ କହିଥିଲେ। ବିଡିଓ ନିଜେ ଶଟ୍‌ପୁଟ ଥ୍ରୋ ଖେଳି ପିଲାଙ୍କୁ ଖେଳିବା ପାଇଁ ଉତ୍ସାହିତ କରିଥିଲେ। ପରେ ପିଲାଙ୍କ ମଧ୍ୟରେ ଇନ୍ ଆଉଟ, ଡକ୍ ରେସ, ମ୍ୟୁଜିକାଲ ଚେୟାର, ଦୌଡ଼ ପ୍ରତିଯୋଗିତା, ଅଖାଦୌଡ଼, ବ୍ଲାଇଣ୍ଡ ହିଟ୍ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ। କାର୍ଯ୍ୟକ୍ରମକୁ ସ୍କୁଲର ଅଧକ୍ଷା ଜ୍ୟୋତି ସାହୁ ପରିଚାଳନା କରିଥିବାବେଳେ



ଅର୍ପିତା ପଣ୍ଡା, ହରିପ୍ରିୟା ପାଢ଼ୀ, ମଧୁସ୍ମିତା ମାଝି, ମନିଷା ସାହୁ, ମିତୁ ପାଢ଼ୀ, ବ୍ରଜେନ୍ଦୁ ପାଣିଗ୍ରାହୀ, ମାନସ୍ମିତା ପାଣଗ୍ରାହୀ ସହଯୋଗ କରିଥିଲେ। ତ୍ରିପତି ଜେନା ଧନ୍ୟବାଦ ଦେଇଥିଲେ।

## ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ

**ଝରିଗାଁ, ୧୬।୧୨(ସ୍ୱ.ପ୍ର.)**

**ଝରିଗାଁ ଗସ୍ତରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକକୁ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ୟା ଦାସ ଦିନିକିଆ ଗସ୍ତରେ ଆସି ୫-ଟି ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ କରିଛନ୍ତି। ଠିକ୍ ସମୟରେ ଭଲ କାମ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ସେ ଏକମ୍ବା ହାଇସ୍କୁଲ, ତେଲନଦୀ ହାଇସ୍କୁଲ, ବେଲଗାଁ, ଚିତାବେଡ଼ା, ପୁର୍ଲ୍ଲା ଏବଂ ବିଏସ୍‌ପଦର ଗ୍ରାମରେ ଚାଲିଥିବା ୫-ଟି ସ୍କୁଲ କାର୍ଯ୍ୟ ଦେଖିଥିଲେ। ସ୍ମାର୍ଟ କ୍ଲାସ୍‌ରୁମ୍, ଇ- ଲାଇବ୍ରେରି, ସାଇନ୍ସ ଏବଂ ମ୍ୟାଥ୍ ଲାଇବ୍ରେରି, ଖେଳ ପଡ଼ିଆ କାର୍ଯ୍ୟ ଠିକ୍‌ଭାବେ କରିବାକୁ ସମ୍ପୃକ୍ତ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ମାର୍ଚ୍ଚ ମାସ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ସେ କହିଥିଲେ। ଶୌଚାଳୟ ସଫାସୁତରା ରଖିବା ପ୍ରତି ସେ ଗୁରୁତ୍ୱ ଦେଇଛନ୍ତି। ପ୍ରତ୍ୟେକ ଦିନ ବିଡିଓଙ୍କ ମାଧ୍ୟମରେ ମନିଟରିଂ କରାଯାଉଥିବା ନେଇ ସେ କହିଛନ୍ତି। ଏହି ଗସ୍ତବେଳେ ବିଡିଓ ସତ୍ୟନାରାୟଣ ମେହେର, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ପ୍ରୋଗ୍ରାମ ଅଧିକାରୀ ରାଜେଶ ପଟ୍ଟନାୟକ, ଡିଏସ୍‌ସି ଶୁଭଶ୍ରୀ ଜେନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ସଂଯୋଜକ ସୁଧାଂଶୁ ସାହୁ, ସିନିୟର ଟିସି ବିଚିତ୍ରାନନ୍ଦ ପାଣିଗ୍ରାହୀ, ଝରିଗାଁ ବ୍ଲକ ଏଇ ବିନିତ ମିଶ୍ର, ଏପିଓ ଦେବେନ୍ଦ୍ର ବେହେରା, ବିଇଓ ଜଗନ୍ନାଥ ଧରୁଆଙ୍କ ସହ ସମ୍ପୃକ୍ତ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ ଜିଆର୍‌ଏସ୍ ପ୍ରମୁଖ ଉପସ୍ଥିତ ଥିଲେ।



ଚିତାବେଡ଼ା ସ୍କୁଲରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋଚନା କରୁଛନ୍ତି।

## ଫେବୃୟାରୀରେ ଜିଲା ଯାଦବ ସମାଜ ମହାସମ୍ମିଳନୀ

**ନବରଙ୍ଗପୁର,୧୬।୧୨(ବି.ପ୍ର.)**

୨୦୨୩ ଫେବୃୟାରୀ ୨୬ରେ ନବରଙ୍ଗପୁର ଜିଲା ଯାଦବ ସମାଜର ମହାସମ୍ମିଳନୀ ହେବ। ଉକ୍ତ ଦିନ ନବରଙ୍ଗପୁର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୬ ଦଫା ଦାବିପତ୍ର ପ୍ରଦାନ କରାଯିବ ବୋଲି ଯାଦବ ସମାଜ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦିଆଯାଇଛି।

ଯାଦବ ପରିବାରଙ୍କୁ ଗିରିଜନ ମାନ୍ୟତା, ଅବିଭକ୍ତ କୋରାପୁଟ ଜିଲାକୁ କେନ୍ଦ୍ର ଶାସିତ ଅଞ୍ଚଳ ଘୋଷଣା, ଜିଲାରେ ବହୁ ବର୍ଷ ଧରି ସରକାରୀ ଜମିରେ ରହି ଆସିଥିବା ଯାଦବ ପରିବାରକୁ ଜମିପଟ୍ଟା ପ୍ରଦାନ, ଜବରଦଖଲରେ ଥିବା ଗୋଚରଜମିକୁ ପୁନରୁଦ୍ଧାର କରାଯାଇ ପାରମ୍ପରିକ ଜଙ୍ଗଲରେ ପରିଣତ କରିବାକୁ ଦାବି ହୋଇଛି। ଜିଲାର ପ୍ରତି ବ୍ଲକରେ ଓବିସି ଛାତ୍ରୀଛାତ୍ରଙ୍କ ପାଇଁ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସ ନିର୍ମାଣ, ଯାଦବଙ୍କୁ ପ୍ରାଥମିକ ଭିତ୍ତିରେ ଗୋପାଳନ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ସହ ଋଣ ଦେଇ କୌଳିକ ବୃତ୍ତିର ସୁରକ୍ଷା ଓ ପୁନରୁଦ୍ଧାର, ଗୋଚାଲାଣ ଓ ଗୋହତ୍ୟା ବନ୍ଦକରି ସରକାରୀ ଗୋଶାଳା ନିର୍ମାଣ ନେଇ ଦାବି ରହିଛି। ଦୁଗ୍ଧର ଏମ୍‌ଏସ୍‌ପି ପ୍ରଦାନ, ଜିଲାଭିତ୍ତିକ ସ୍ଥାୟୀ ନିଯୁକ୍ତି ସହ ଓବିସିଙ୍କୁ ୨୭% ସଂରକ୍ଷଣ, ଜାତିଭିତ୍ତିକ ଜନଗଣନା ସରକାରୀ ସ୍ତରରେ କରିବାକୁ ଦାବି ହୋଇଛି। ନବରଙ୍ଗପୁର ବି.ବି. କଲେଜ ଏବଂ ଉମରକୋଟ ମା' ପେଣ୍ଡ୍ରାଣୀ କଲେଜକୁ ସରକାରୀ ମାନ୍ୟତା, ଜିଲାରେ କୃଷିଭିତ୍ତିକ ଶିଳ୍ପ, ପିଜି କଲେଜ ଏବଂ ବିଏଡ୍ କଲେଜ ସ୍ଥାପନ, ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳର ବିସ୍ଥାପିତଙ୍କୁ ପୁନଃ ଥଇଥାନ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାଦବ ଭବନ ନିର୍ମାଣ ନିମନ୍ତେ ସରକାରୀ ଜାଗା ଓ ସହାୟତା ପ୍ରଦାନ କରିବାକୁ ଖବରଦାତା ସମ୍ମିଳନୀରେ ଯାଦବ ମହାସଭା ଜିଲା ସଭାପତି ଜ୍ୟୋତିରଞ୍ଜନ କଂସ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଜିଲା ଯାଦବ ମହାସଭା କାର୍ଯ୍ୟକାରୀ ସଭାପତି ଦେବଦାସ ମହକୁଡ, ଉପସଭାପତି ହରି ଗୌଡ଼, ଭଗତରାମ ଗୌଡ଼, ମନୋଜ ମହାକୁଡ, ସମ୍ପାଦକ ଭରତ ନିଆଲ , କମଳ ଲୋଚନ ବାଗ, କୃଷ୍ଣ ନାୟକ, ହରି ଗୌଡ଼, ଦୈତାରି ମାଝି, ଯାଦବ ମହାସଭା ନବରଙ୍ଗପୁର ନଗର ସଭାପତି ଲକ୍ଷ୍ମଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା
## ୨୧ ରାସ୍ତା ଅବରୋଧକାରୀଙ୍କ ନାମରେ ମାମଲା

**ଜୟପୁର, ୧୬।୧୨ (ନି.ପ୍ର.)**

୨୬ ନଂ. ଜାତୀୟ ରାଜପଥର ଏୟାର ପୋର୍ଟ ଛକ ନିକଟରେ ଗୁରୁବାର ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବାରୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ବୁଝାଶୁଝା କରିବାବେଳେ ସେମାନେ ପୋଲିସକୁ ଧମକ ଦେଇଥିଲେ। ଏହାକୁ ଭିତ୍ତି କରି ଜୟପୁର ସଦର ପୋଲିସ ୨୧ ଜଣଙ୍କ ନାମରେ ମାମଲା ରୁଜୁ କରିଛି।

## ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ଡାବୁଗାଁ, ୧୬।୧୨ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ହାତୀବେଡ଼ା ପଞ୍ଚାୟତ ଅଧୀନ ବଡ଼ପଞ୍ଜିଆରିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ କବାଡ଼ି, ଖୋଖୋ, ଉଚ୍ଚଡିଆଁ, ଲମ୍ବଡିଆଁ, ଗଣିତ ଦୌଡ଼, ଭଲିବଲ, ଶଟ୍‌ପୁଟ୍, ଡିସ୍କସ୍ ଓ ମ୍ୟୁଜିକ ଚେୟାର ଭଳି ପ୍ରତିଯୋଗିତା କରାଯାଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ହାତୀବେଡ଼ା ସରପଞ୍ଚ ଟପିଧର ଭତ୍ରା ମୁଖ୍ୟ ଅତିଥି, ଜଗମଣି ଜାନି, ବିଦ୍ୟାଳୟ ସଭାପତି ଚନ୍ଦ୍ରଶେଖର ନାୟକ, ପୁରାତନ ଛାତ୍ର ଗିରିଧର ଗୌଡ଼, ପ୍ରଧାନ ଶିକ୍ଷକ ବାଳକୃଷ୍ଣ ଦାସ, ଶିକ୍ଷକ କେଶବ ପ୍ରଧାନ, ସରୋଜ ସେଠୀ, ଦେବପ୍ରସାଦ ମଲ୍ଲ, ବିନୋଦ ବିହାରୀ ରଣା, ଉପେନ୍ଦ୍ର ନାଥ ସ୍ୱାଇଁ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରକାଶ ରଞ୍ଜନ ମୁଦୁଲି ମଞ୍ଚ ପରିଚାଳନା କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## କଶ୍ମୀର ଲାଲ୍, ଅଷ୍ଟ୍ରେଲିଆନ ବରକୋଳି ଦେଇଛି ପରିଚୟ

**ଉମରକୋଟ, ୧୬।୧୨(ସ୍ୱ.ପ୍ର.)**

■ ମନୋବଳ ଆଗରେ ହାର ମାନିଛି ବୟସ
■ ୬୦ବର୍ଷ ବୟସରେ ଚାଷକରି ଯୁବଗୋଷ୍ଠୀଙ୍କ ପାଇଁ ପାଲଟିଛନ୍ତି ଉଦାହରଣ

ଉମରକୋଟ ମାଟିରେ ବିଦେଶୀ ବରକୋଳି ଫଳାଇ ସଫଳ ଚାଷୀର ପରିଚୟ ସୃଷ୍ଟି କରିଛନ୍ତି ଖାଣ୍ଡା ଗ୍ରାମର ମାଖନ ମଣ୍ଡଳ। ଇଚ୍ଛାଶକ୍ତି ଆଗରେ ହାର ମାନିଛି ବୟସ। ୬୦ ବର୍ଷ ବୟସରେ ଚାଷକରି ଫଳ ଫଳାଇ ଅର୍ଥ ଉପାର୍ଜନ କରି ଯୁବଗୋଷ୍ଠୀଙ୍କ ପାଇଁ ପାଲଟିଛନ୍ତି ଉଦାହରଣ।

ପିଲାଟି ଦିନରୁ ଚାଷ ପ୍ରତି ତାଙ୍କର ଦୁର୍ବଳତା ଥିଲା। ପୂର୍ବରୁ ସେ ଆମ୍ବ,ପଣସ ଭଳି ଫଳ ବ୍ୟବସାୟ କରୁଥିଲେ। ବର୍ତ୍ତମାନ ସେ ବରକୋଳି ଚାଷ କରୁଛନ୍ତି। ଏଥିରୁ କଶ୍ମୀର ଲାଲ ଏବଂ ଅଷ୍ଟ୍ରେଲିୟାନ ବରକୋଳି ବାହାରୁଛି। ୟୁଟ୍ୟୁବରୁ ବରକୋଳି ଚାଷ ବିଷୟରେ ଜ୍ଞାନ ସଂଗ୍ରହ କରିଥିଲେ। ଜିଲାରେ ନିଜର ପରିଚୟ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଥାଇଲାଣ୍ଡ କମ୍ପାନୀର ଚାରାକୁ ପଶ୍ଚିମବଙ୍ଗରୁ ଆମଦାନୀ କରିଥିଲେ। ଗୋଟିଏ ଚାରାକୁ ପ୍ରାୟ ୮୦ ଟଙ୍କାରେ କିଣିଥିଲେ। ଗୋଟିଏ ଗଛରେ ପ୍ରାୟ ୧୦ବର୍ଷ ଯାଏ ବରକୋଳି ଫଳିବ। ଚଳିତ ବର୍ଷ ପ୍ରଥମ ଥର ପାଇଁ ବରକୋଳି ବାହାରିବା ଆରମ୍ଭ ହୋଇଛି। ଗୋଟିଏ ସିଜନରେ ଗୋଟିଏ ଗଛରୁ ୧୦ ରୁ ୩୦ କିଲୋ ପର୍ଯ୍ୟନ୍ତ ବରକୋଳି ବାହାରିବ । ଗଛ ପୁରୁଣା ହେଲେ ଗୋଟିଏ ଗଛରୁ ୫୦ କିଲୋରୁ ଉର୍ଦ୍ଧ୍ୱ ଫଳ ବାହାରିବ ବୋଲି ମାଖନ କହିଛନ୍ତି। ବର୍ତ୍ତମାନ ମାଖନ ୩ ଏକର ଜମିରେ ୧୨୦୦ ଚାରା ଲଗାଇଛନ୍ତି।



ମାଖନ ନିଜ ଗଛରୁ ବରକୋଳି ତୋଳୁଛନ୍ତି।

କୋଳି ମିଠା ଥିବାରୁ ବଜାରରେ ଏହାର ଚାହିଦା ଭଲ ରହିଛି। ପ୍ରତିଦିନ ୧୦୦ କେଜି ବରକୋଳି ବିକ୍ରି ହେଉଛି। ସ୍ଥାନୀୟ ବେପାରୀ ଜମିକୁ ଆସି ଫଳ ନେଇଯାଉଛନ୍ତି। ବାର୍ଷିକ ୩ ରୁ ୪ ଲକ୍ଷ ଟଙ୍କା ଲାଭ କରିବାର ଲକ୍ଷ୍ୟ ରଖିଛି ବୋଲି ମାଖନ କହିଛନ୍ତି। ଏହି ବରକୋଳି ଚାଷ ପାଇଁ ସ୍ୱତନ୍ତ୍ର ସାରର ଆବଶ୍ୟକତା ପଡୁନାହିଁ। ଯାହା ସାର ଆବଶ୍ୟକ ପଡୁଛି ତାହା ସ୍ଥାନୀୟ ବଜାରରେ ଉପଲବ୍ଧ ରହିଛି। କିନ୍ତୁ ଯଦି ଜୈବିକ ସାର ବ୍ୟବହାର କରାଯାଏ ତା'ହେଲେ ଆହୁରି ଭଲ ଉତ୍ପାଦନ ହୋଇପାରନ୍ତା, କିନ୍ତୁ ଆର୍ଥିକ ସ୍ଥିତି ଏତେଟା ଭଲ ନ ଥିବାରୁ ଜୈବିକ ସାର ଅଳ୍ପ ବ୍ୟବହାର କରିଛି। ତେଣୁ ଚଳିତ ବର୍ଷ କମ୍ ଲାଭ ହେବ ବୋଲି ମାଖନ କହିଛନ୍ତି। ଲୋକଙ୍କଠାରୁ ଧାରକରଜ କରି ଚାଷ କରିଛି। ଜିଲା ପ୍ରଶାସନ ବା କୃଷି ବିଭାଗ ସରକାରୀ ସହାୟତା ଯୋଗାଇଦେଲେ ଅଧିକ ଜମିରେ ଚାଷକରି ଜିଲାର ସମସ୍ତ ଫଳ ଦୋକାନୀଙ୍କୁ ବରକୋଳି ଯୋଗାଇପାରିବେ ବୋଲି ସେ କହିଛନ୍ତି। ଏହି ବରକୋଳିର ଚାହିଦା ଭଲ ରହିଛି। ଗ୍ରାହକ ଥରେ ନେଲେ ପୁଣି ଥରେ ନେବାପାଇଁ ମନ କରୁଛନ୍ତି। ବରକୋଳି ମିଠା ଥିବାରୁ ଲୋକେ ପସନ୍ଦ କରୁଛନ୍ତି। ପୂର୍ବରୁ ଆମେ ପଡ଼ୋଶୀ ରାଜ୍ୟରୁ ବରକୋଳି ଆଣୁଥିଲୁ। ବର୍ତ୍ତମାନ ଆମ ନିକଟରେ ମିଳୁଛି। ଆଉ ଏହାକୁ ବିକ୍ରିକରି ଆମେ ମଧ୍ୟ ଭଲ ଲାଭ ପାଇପାରୁଛୁ ବୋଲି ସ୍ଥାନୀୟ ଫଳଦୋକାନୀ କହିଛନ୍ତି।

## ସଂକ୍ଷେପରେ

### ହାତରେ କଳାକନା ବାନ୍ଧି କଳାଦିବସ ପାଳିଲେ



ଏମ୍‌ଭି ୭୯,୧୬।୧୨(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୯ଠାରେ ଥିବା ଏସ୍‌ଏସ୍‌ଡି ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧାପିକା ଅଧାପକମାନେ ହାତରେ କଳା କନା ବାନ୍ଧି କଳା ଦିବସ ପାଳନ କରିଛନ୍ତି । ୨୦୦୬ରୁ ସେମାନେ ୧୧୬ ଜଣ ଅଧାପିକା ଅଧାପକ ଏସ୍‌ଏସ୍‌ଡି ଉଚ୍ଚ ମାଧମିକ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଦୀର୍ଘ ୧୬ ବର୍ଷ କାର୍ଯ୍ୟକରି ମଧ ଏଯାଏ ସେମାନଙ୍କୁ ସ୍ଥାୟୀ କରାଯାଇନାହିଁ। ଗତ ୧୪ ତାରିଖରେ ସମ୍ବଲପୁର ଜିଲାରେ କାର୍ଯ୍ୟରତ ପିଜିଟି-ଗଣିତ ଅଧାପକ ବିଶ୍ୱକାନ୍ତ ସାମନ୍ତରାୟଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଏନେଇ ସେମାନେ ସରକାରଙ୍କୁ ଅବଗତ କରାଇଛନ୍ତି। ସେମାନଙ୍କୁ ସ୍ଥାୟୀ କରି ଦାବି ପୂରଣ ନ କରିବା ଯାଏ ଏପରି ହାତରେ କଳ କନା ବାନ୍ଧି କଳା ଦିବସ ପାଳନ କରିବେ। ଏହାକୁ ସରକାର ଗୁରୁତ୍ୱ ନ ଦେଲେ ଆସନ୍ତା ୧୦।୧୨୦୨୩ଠାରୁ ମାଲକାନଗିରି ଜିଲା କାର୍ଯ୍ୟାଳୟଠାରେ ଧାରଣା ଦେବୁ ବୋଲି ଶୁକ୍ରବାର ଅଧକ୍ଷ ବିରାଜ ମଜୁମଦର କହିଛନ୍ତି ।

### ସାନଭଉଣୀଙ୍କ ଯୋଗୁ ଗଲା ବଡ଼ଭଉଣୀ ଜୀବନ

ଜୟପୁର, ୧୫।୧୨ (ନି.ପ୍ର.)- ସାନଭଉଣୀଙ୍କ ଯୋଗୁ ବଡ଼ଭଉଣୀଙ୍କ ମୃତ୍ୟୁ ହୋଇଛି। ଏପରି ଏକ ଅଭାବନୀୟ ଘଟଣା ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣୀପୁଟରେ ଘଟିଛି । ମୃତ ମହିଳା ହେଲେ ନରଗିସ ନାୟକ (୪୧)। ଖବରରୁ ଜଣାପଡିଛି, ବାରିଣୀପୁଟରେ ଉପେନ୍ଦ୍ର ଭଣ୍ଡାରି ଓ ତାଙ୍କ ସ୍ତ୍ରୀ ଶର୍ମିଳାଙ୍କ ମଧରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହି ସମୟରେ ତାଙ୍କ ବଡ଼ ଭଉଣୀ ନରଗିସ ଛଡ଼ାଛଡି କରିଥିଲେ । ଏହି ସମୟରେ ଉପେନ୍ଦ୍ର ନରଗିସଙ୍କୁ ଠେଲି ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡ କାନ୍ଥରେ ପିଟିହୋଇଯାଇଥିଲା। ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିସାଳୟକୁ ନିଆଯାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜୟପୁର ସଦର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରି ଏକ ହତ୍ୟା ମାମଲା ରୁଜୁ କରିଛି। ନବୀନ ଟପ୍ପୋ ଘଟଣାର ତଦନ୍ତ କରୁଛନ୍ତି।

### କେଡିଆର୍‌ଏମ୍‌ଏର ନୂତନ କର୍ମକର୍ତ୍ତା

ଜୟପୁର, ୧୬।୧୨ (ନି.ପ୍ର.)- କୋରାପୁଟ ଜିଲା ମିଲର୍ସ ଆସୋସିଏଶନ (କେଡିଆର୍‌ଏମ୍‌ଏ) ର ଏକ ବୈଠକ ବସି ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଉପସଭାପତି ବି.ତିରୁପତି ରାଓ, ଦୀନେଶ ବିଷୋୟୀ, ପି.ଦିଲୀପ କୁମାର, ସାଧାରଣ ସମ୍ପାଦକ ଜଗଦିଶ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ରୂପେ ପି.ଭି.ରାବଣା ଓ ଏସ୍ ରାଜୀବଙ୍କୁ ଚୟନ କରଯଇଛି। ସେହିପରି ଉପଦେଷ୍ଟା ଭାବେ ବୃନ୍ଦାବନ ପଣ୍ଡା, ବି. ଗୋବିନ୍ଦ ରାଓ ଓ ନରେନ୍ଦ୍ର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି।

### ଯୁବଛାତ୍ର ନେତୃତ୍ୱ କର୍ମଶାଳା

ଜୟପୁର,୧୬।୧୨ (ନି.ପ୍ର.)- ଜୟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ବିକ୍ରମଦେବ ମହାବିଦ୍ୟାଳୟଠାରେ ଯୁବଛାତ୍ର ନେତୃତ୍ୱ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରର କାର୍ଯ୍ୟକର୍ତ୍ତା ଜୀବନବ୍ରତୀ ରେଣୁକା, ଦର୍ଶନଶାସ୍ତ୍ର ମୁଖ୍ୟ ଫ୍ରାନସିସ ବାର୍ଲା ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରମୋଦ ରାଉଳ ଏବଂ ଆଶୁତୋଷ ପାଠୀ ମେମୋରିଆଲ ଟ୍ରଷ୍ଟର ପରିଚାଳକ ପ୍ରଫୁଲ୍ଲ ପାଠୀ ଏହାକୁ ପରିଚାଳନା କରିଥିଲେ ।

### ପରବ ପଲ୍ଲିଶ୍ରୀ ମେଳାରେ ୫ କୋଟି ବ୍ୟବସାୟ ଲକ୍ଷ୍ୟ

କୋରାପୁଟ,୧୬।୧୨(ସ୍ୱ.ପ୍ର.)- ଶନିବାରଠାରୁ କୋରାପୁଟସ୍ଥିତ ସରକାରୀ ମହାବିଦ୍ୟାଳୟର ପଡିଆଠାରେ ଆରମ୍ଭ ହେଉଛି ରାଜ୍ୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବ। ଡିସେମ୍ବର ୨୧ ତାରିଖ ଯାଏ ଚାଲିବାକୁ ଥିବା ଏହି ଉତ୍ସବ ଅବସରରେ ଓରମାସ ପକ୍ଷରୁ ଜାତୀୟ ସ୍ତରର ପଲ୍ଲିଶ୍ରୀ ମେଳା ଆୟୋଜିତ ହୋଇଛି। ୩୫୦ ଷ୍ଟଲ କରି ଓରମାସ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଥିବା ଏହାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋଶନ କୁମାର କାର୍ତ୍ତିକ କହିଛନ୍ତି। ଏହି ଷ୍ଟଲ ମଧ୍ୟରୁ ୮୦ଟି ଷ୍ଟଲ ବ୍ୟବସାୟ ପାଇଁ ଭଡା ସୂତ୍ରରେ ଦେବାକୁ ଥିବାବେଳେ ସେଥିରୁ ୩୫ ଷ୍ଟଲ ଖାଦ୍ୟ ସାମଗ୍ରୀ ପାଇଁ ରହିଛି। ବାକି ୨୭୦ଟି ଷ୍ଟଲରେ ବିଭିନ୍ନ ସରକାରୀ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ, ଓରମାସ ଏବଂ ମିଶନ ଶକ୍ତି ମହିଳା ଗୋଷ୍ଠୀ ସେମାନଙ୍କ ଉପାଦିତ ସାମଗ୍ରୀ ପ୍ରଦର୍ଶନ କରିବା ସହ ବିକ୍ରି କରିବା ବ୍ୟବସ୍ଥା ହୋଇଛି ବୋଲି କାର୍ତ୍ତିକ ସୂଚନା ଦେଇଛନ୍ତି।

# ଜଳବନ୍ଦୀ ଜୀବନ କାଟୁଛନ୍ତି ଗ୍ରାମବାସୀ

- ୫ବର୍ଷ ବିତିଲାଣି ଚବେରି ଉପରେ ପୋଲ ନିର୍ମାଣ
- ଫାଉଣ୍ଡେଶନରେ ସୀମିତ ରହିଛି ନିର୍ମାଣ କାର୍ଯ୍ୟ
- ବ୍ୟୟ ଅଟ୍ଟକଳ ଥିଲା ୨ କୋଟି ୭୭ ଲକ୍ଷ ୮୦ ହଜାର

ଦଶମନ୍ତପୁର, ୧୬।୧୨ ( ଡି.ଏନ. ଏ.)

ବର୍ଷେ କି ଦୁଇ ବର୍ଷ ଦୀର୍ଘ ୫ ବର୍ଷ ହେଲା ଫାଉଣ୍ଡେସନରେ ସୀମିତ ରହିଛି ଚବେରି ନଦୀରେ ସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ। ଇତି ମଧ୍ୟରେ ୩ବର୍ଷ ହେଲା ପୋଲ ନିର୍ମାଣ ଅବଧି ଶେଷ ହୋଇଗଲାଣି। ପ୍ରଶାସନ ଓ ଠିକାଦାରଙ୍କ ଅବହେଳା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଜଳବନ୍ଦୀ ଜୀବନ କାଟୁଛନ୍ତି। ବିକାଶ ପାଇଁ ବାଟ ଅଗାଳିଛି ନଦୀ। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ନନ୍ଦିଗାଁ ପଞ୍ଚାୟତର ମଧୁବିଶାଳୀ ଗ୍ରାମରେ ଏପରି ଦେଖିବାକୁ ମିଳିଛି।

ଏହି ଗ୍ରାମକୁ ଯାତାୟାତ ଲାଗି ନିତିଦିନିଆ ରାସ୍ତା ନାହିଁ। ଚବେରି ନଦୀରେ ପୋଲଟିଏ ନିର୍ମାଣ ହେଉ ନ ଥିବାରୁ ଶିକ୍ଷା ସ୍ୱାସ୍ଥ୍ୟସେବା ଓ ଗମନାଗମନରେ ମଧୁବିଶାଳି ଗ୍ରାମ ସମେତ ସଲପଗୁଡା, କୁମୁଣ୍ଡାଗୁଡା, ତେନ୍ତୁଳିଗୁଡା ଭଳି ୬ ଖଣ୍ଡ ଗ୍ରାମର ଗ୍ରାମବାସୀ ଦୁର୍ଦ୍ଦଶା ଭୋଗଛନ୍ତି। ବର୍ଷା ଦିନେ ନଦୀ ଫୁଲୁଛି। ନଦୀପାରି ହୋଇ ଏ କୁଳରୁ ସେ କୁଳକୁ ଯିବା କଷ୍ଟକର



ବିକାଶରେ ବାଧକ ସାଜିଥିବା ଚବେରି ନଦୀ।



ଏସ.ଡ଼ଣ୍ଡାବାଡ ଗ୍ରାମକୁ ପଡିଥିବା ରାସ୍ତା

ହୋଇପଡୁଛି। ରୋଗ କି ଅନ୍ୟ କୌଣସି ଜରୁରୀ କାମ ପଡ଼ିଲେ ଯିବାକୁ ବହୁ କଷ୍ଟ ହେଉଛି ବୋଲି କହନ୍ତି ଅଞ୍ଚଳବାସୀ। ଏହି ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ଲାଗି ୨ କୋଟି ୭୭ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ଅଟ୍ଟକଳ କରାଯଇ ଏନବିସିସି ସଂସ୍ଥାର ମା' ଭଗବତୀ କନଷ୍ଟ୍ରକସନକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପୋଲ ନିର୍ମାଣର କାର୍ଯ୍ୟାରମ୍ଭ ତାରିଖ ୬।୮।୨୦୧୭ ରହିଥିବା ବେଳେ କାର୍ଯ୍ୟ ଶେଷ ତାରିଖ ୬।୧। ୨୦୧୯ ଥିଲା। ପ୍ରଶାସନର ଅବହେଳା ଓ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁ ପୋଲ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା ଗ୍ରାମର ପତି ଗୌଡ, ମୁରାଳି ଗୌଡ, ସିଂହ ପରଜା, ଅର୍ଜୁନ ପରଜା, ନବୀନ ମାଳି ଅଭିଯୋଗ କରିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ଦଶମନ୍ତପୁର ବ୍ଲକ ଚଣାବାଡ ପଞ୍ଚାୟତର ଏସ.ଡ଼ଣ୍ଡାବାଡ ଗ୍ରାମକୁ ରାସ୍ତା ନାହିଁ। ଗ୍ରାମରେ ପହଞ୍ଚିବାକୁ ହେଲେ ଦୁର୍କାଗୁଡା ଏବଂ କଦମଖୋଲା ଗ୍ରାମ ଦେଇ ଯିବାକୁ ପଡ଼େ। ଏସ.ଡଣ୍ଡାବାଡ ଗ୍ରାମରେ ୮୦ ପରିବାର ବସବାସ କରନ୍ତି। ରୋଗୀଙ୍କୁ ଦୁର୍କାଗୁଡା ଛକ ଯାଏ ଭାରରେ ବୋହି ନେଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ଦଶମନ୍ତପୁର ନେଇଥାଉ ବୋଲି କହନ୍ତି ଗ୍ରାମର ସୁନିଲ ମିଣିଆକା, ସୁବାଷ ସାଉଁନ୍ତା, କେଶବ ସାଉଁନ୍ତା, ରମେଶ ସାଉନ୍ତା, ପ୍ରକାଶ ଜାନୀ, ଲକ୍ଷ୍ମଣ ଜାନୀ, ଧର୍ମେନ୍ଦ୍ର ଦିସାରୀ, ନିର୍ମଳ ସାଉଁନ୍ତା, ଆନନ୍ଦ ସାଉଁନ୍ତା, ଦଶରଥ ମୁସକା, ଜଗବନ୍ଧୁ ଦିଶାରୀ। ଆମ ଗ୍ରାମକୁ ରାସ୍ତା ନ ହେଲେ ଆମେ ଆଗାମୀ ୨୦୨୪ ନିର୍ବାଚନରେ ଏହାର ଜବାବ ଦେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ହାତତିଆରି ବାଉଁଶ ସାମଗ୍ରୀ ଦୋକାନରେ ଜମୁଛି ଭିଡ଼

ଡାବୁଗାଁ,୧୬।୧୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ଡାବୁଗାଁରେ ଗୁରୁବାର ସାପ୍ତାହିକ ହାଟ ବସେ। ରାଜାରାଜୁଡ଼ା ସମୟରୁ ଚାଲିଆସୁଥିବା ଏହି ହାଟ ଉପରେ ଅନେକ ଲୋକ ନିର୍ଭର କରିଚଳନ୍ତି। ଗ୍ରାହକଙ୍କୁ ସୁହାଇଲା ଭଳି ଜିନିଷ ସୁଲଭ ଦରରେ ଏଠାରେ ଜିନିଷ ମିଳୁଥିବାରୁ ହାଟକୁ ଜିଲାରୁ ଏବଂ ଜିଲା ବାହାରୁ ଲୋକଙ୍କ ଭିଡ଼ ଜମେ। ଏଠାରେ ବାଉଁଶର ହାତ ତିଆରି ସାମଗ୍ରୀର ବେଶ୍ ଚାହିଦା। ଆଞ୍ଚଳିକ ଭାଷାରେ ପାଲ (ଧାନ ମରେଇ ) ୧୨୦୦ ଟଙ୍କା, ଟୁକୁନା(ଚାଉଳ ଧୁଆ ) ୫୦ ଟଙ୍କା, ପର୍ଲା (ତାଟ) ୧୨୦, କୁଲା ୧୨୦ ଟଙ୍କା, ଅଡି(ଡଲା) ବଡ଼କୁଣ୍ଡି ୨୦୦, ଚକନି (ଚିଡି ) ୩୦, ଗୋପା ୭୦ ଟଙ୍କାରେ ମିଳୁଛି। ଡାବୁଗାଁ



ଡାବୁଗାଁ ହାଟରେ ପଡ଼ିଥିବା ବାଉଁଶ ତିଆରି ସାମଗ୍ରୀ ଦୋକାନ।

ଏକ ଆଦିବାସୀ ଅଞ୍ଚଳ ହୋଇଥିବାରୁ ମାର୍ଗଶିର ମାସର ଶେଷରେ ଓ ପୌଷ ମାସର ଆରମ୍ଭରେ ପ୍ରାୟତଃ ଏଠାରେ ଦିଆଲି ପର୍ବ ପାଳନ ହୋଇଥାଏ। ଚାଷୀ ଧାନ, ବିରି, କୋଳଥ, ମକା, କାନ୍ଦୁଲ, ମାଣ୍ଡିଆ ଆଦି ସଂଗ୍ରହକରି ତାହା ଖଳାରୁ ନେଇ ଘରେ ସାଇତି ରଖନ୍ତି। ସେଥିପାଇଁ ଡଲା ବଡ଼କୁଣ୍ଡି ଓ କୁଲା ବ୍ୟବହାର କରାଯାଇଥାଏ। ଧାନକୁ ଘରକୁ ନେଇ ପାଲ (ଧାନ ମରେଇ)ରେ ଭର୍ତ୍ତିକରି ତାକୁ ଲିପି ରଖନ୍ତି। ଦିଆଲି ପର୍ବରେ ଗୋରୁ ଗାଈଙ୍କୁ ପୂଜା କରି ନୂଆ ବାଉଁଶରେ ତିଆରି କୁଲା, ପର୍ଲା ଆଦିରେ ଖିଚିଡି ସହିତ ଧାନ ଆଦି ଫସଲ ଖାଇବାକୁ ଦିଆଯାଏ। ଏବେ ବାଉଁଶ ତିଆରି ସାମଗ୍ରୀର ଚାହିଦା ଥିବାରୁ ଭଲ ଦୁଇ ପଇସା ରୋଜଗାର ହେଉଥିବା ମହିଳା ବ୍ୟବସାୟୀ କହିଛନ୍ତି।

# ଜଣକ ଘରୁ ୬୦ କେଜି ପଲିଥିନ ଜବତ

ଜୟପୁର, ୧୬।୧୨ (ନି.ପ୍ର.)

ବେଆଇନ ଭାବେ ପଲିଥିନ ରଖି ବିକ୍ରି କରୁଥିବା ବେଳେ ଏକ ଘର ଉପରେ ପୌରପଳିକା ଶୁକ୍ରବାର ଚଢାଉ କରଛି। ଜୟପୁର ସହରର ନଡିଆବାଡ ସାହିରେ ବେଆଇନ ଘୋଷିତ ୭୫ ମାଇକ୍ରୋନରୁ କମ ପିଲିଥିନ ବିକ୍ରୟ ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହେଇଥିଲ। ଏହାକୁ ଭିତ୍ତି କରି ପୌରପଳିକା ଚଢାଉ କରି ୬୦ କେଜି ପଲିଥିନ ଜବତ କରି କାରବାର

**୨ ଦୋକାନରେ ଚଢାଉ, ଜରିମାନା ଆଦାୟ**

କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ୭ ହଜାର ଟଙ୍କା ଜରିମାନା କରିଥିଲା। ସେହିପରି ପୁରୁଣା ବାଟା ସପ୍ ଲାଇନରେ ଥିବା ଏକ ମିଠା ଦୋକାନ ତାର ବ୍ୟବହୃତ ପାଣିକୁ ସିଧା ନାଳରେ ଛାଡୁ ଥିବାରୁ ପୌରପାଳିକା ଚଢାଉ କରି ସମ୍ପୃକ୍ତ ଦୋକାନର ବ୍ୟବସାୟୀଙ୍କଠାରୁ ୧ ହଜାର ଟଙ୍କା ଜାରିମାନା ଅଦାୟ କରିଛି । ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢାଉରେ ପୌର କର୍ମଚାରୀ ଓ ଟାଉନଥାନା ପୋଲିସ ସାମିଲ ହେଇଥିଲେ। ଏହି ଅବସରରେ ୭୫ ମାଇକ୍ରୋନରୁ କମ ପଲିଥିନ ବ୍ୟବହାର ନ କରି ୭୫ ମାଇକ୍ରୋନରୁ ଅଧିକ ଥିବା ପଲିଥିନକୁ ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା।

## ସହରର ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା
# ୨ ସ୍ଥାନରେ ଲାଗିଲା ଟ୍ରାଫିକ୍ ଲାଇଟ

କୋରାପୁଟ,୧୬।୧୨(ସ୍ୱ.ପ୍ର.)

କୋରାପୁଟ ସଦର ମହକୁମାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ସହରର ଟ୍ରାଫିକ ଛକ ଓ ବାଟମଙ୍ଗଳା ଛକଠାରେ ୨ଟି ଟ୍ରାଫିକ୍ ଲାଇଟ ସ୍ଥାପନ କରାଯାଇଛି । ୪/୫ ଦିନ ମଧ୍ୟରେ ଏହି ଲାଇଟ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବ ବୋଲି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କହିଛନ୍ତି। କୋରାପୁଟ ସହରରେ ଦିନକୁ ଦିନ ଲୋକ ସଂଖ୍ୟା ବୃଦ୍ଧି ପାଇଚାଲିଛି। ସହର ଦେଇ ଯାଇଥିବା ୨୬ ନଂ. ଜାତୀୟ ରାଜପଥରେ ମଧ ବହୁ ସଂଖ୍ୟାରେ ଗାଡ଼ିମୋଟର ଯାତାୟାତ କରୁଛି। ଏଥିଯୋଗୁ ସହରର ଟ୍ରାଫିକ ଛକ, କଳାନିକେତନ ଛକ, ମହିଳା ମହାବିଦ୍ୟାଳୟ ଛକ, ହାଇସ୍କୁଲ ଛକ ଓ ବାଟମଙ୍ଗଳା ଛକଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।



ଏଥିପାଇଁ ବହୁ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏବେ ସହରର କେବଳ ଟ୍ରାଫିକ ଛକଠାରେ ଟ୍ରାଫିକ ପୋଲିସ ଭିଡ଼ ପରିଚାଳନା କରୁଥିବାବେଳେ ଆଗାମୀ ଦିନରେ ଟ୍ରାଫିକ ଲାଇଟ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଲେ ଟ୍ରାଫିକ ସମସ୍ୟା ଅନେକ ପରିମାଣରେ ସୁଧୁରିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଭାଜପାର ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

ନବରଙ୍ଗପୁର,୧୬।୧୨(ବି.ପ୍ର.)

ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରାଯାଇଛି। ରାଜ୍ୟ ସରକାରଙ୍କ ଆନ୍ତରିକତା ନ ଥିବାରୁ ନବରଙ୍ଗପୁର ମହାବିଦ୍ୟାଳୟକୁ ଏଯାଏ ସରକାରୀ ମାନ୍ୟତା ମିଳିନାହିଁ ବୋଲି ପୂର୍ବତନ ଏମ୍‌ପି ବଳଭଦ୍ର ମାଝି କହିଛନ୍ତି। ନବରଙ୍ଗପୁରରେ ବିଏଡ୍ କଲେଜ ପାଇଁ କୋଠା ତିଆରି ହୋଇ ଦୀର୍ଘ ବର୍ଷ ହେବ ପଡ଼ି ରହିଥିଲେ ସୁଦ୍ଧା ପାଠ୍ୟକ୍ରମ ଆରମ୍ଭ ହୋଇପାରୁନାହିଁ। ଅବିଭକ୍ତ କୋରାପୁଟ ଜିଲାରେ ଅତିକମ୍‌ରେ ୨ଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ ବୋଲି ସେ କହିଛନ୍ତି। ଜିଲାର ପ୍ରତ୍ୟେକ କଲେଜରେ ୫ଶହ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରିବାକୁ ଦାବି କରିଛନ୍ତି। ୮୦ ପ୍ରତିଶତ ଲୋକ ୧ ଟଙ୍କା ଚାଉଳ ଉପରେ ନିର୍ଭର କରୁଛନ୍ତି। ଏଭଳି ଗରିବ ପରିବାର ବାହାରକୁ ଆସି ଘରଭଡ଼ା ନେଇ କିଭଳି ପାଠ ପଢ଼ି ପାରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଜିଲାର ୫ଟି ବ୍ଲକରେ ଏଯାଏ ଡିଗ୍ରୀ କଲେଜ ନାହିଁ ବୋଲି ସେ କହିଥିଲେ। ପ୍ରତି ଜିଲାରେ ଗୋଟିଏ ମେଡିକାଲ କଲେଜ ସ୍ଥାପନ କରିବା ପାଇଁ କେନ୍ଦ୍ର ସରକାରଙ୍କର ନିୟମ ରହିଥିଲେ ମଧ ନବରଙ୍ଗପୁର ଜିଲାରେ ତାହା ହୋଇପାରିଲା ନାହିଁ। ଅନୁରୂପଭାବେ ନବରଙ୍ଗପୁର ଜିଲାରେ ଇଞ୍ଜିନିୟରିଂ କଲେଜ ସ୍ଥାପନ ପାଇଁ ପ୍ରସ୍ତାବ ରହିଥିଲା, ତାହା ମଧ କରାଗଲା ନାହିଁ। କୃଷି ମହାବିଦ୍ୟାଳୟ ପାଇଁ ପ୍ରସ୍ତାବ ଦିଆଯାଉଥିଲେ ମଧ ସରକାର ବିକାଶ କଥା ଚାହୁଁନାହାନ୍ତି ବୋଲି ବଳଭଦ୍ର କହିଥିଲେ। ଉମରକୋଟ ମା' ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଆଇଟିଡିଏ ପକ୍ଷରୁ ଏକ ଛାତ୍ରାବାସ କୋଠା ନିର୍ମାଣ ସରିଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ନବରଙ୍ଗପୁର କଲେଜର ସ୍ୱର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ନଗରପାଳ କୁନୁ ନାୟକ, ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ପୌର ପରିଷଦର ୪ ନଂ. ୱାର୍ଡ କାଉନ୍‌ସିଲର ତଥା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶର୍ମିଷ୍ଠା ଦେଓ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ନଗର ମୋର୍ଚ୍ଚା ସମ୍ପାଦକ ଶୁଭମ ଚୌଧୁରୀ, ଜିଲା ମିଡିଆ ପ୍ରଭାରୀ ଦେବଦାସ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବିଦ୍ୟାଳୟର ଆରମ୍ଭ ହୋଇଥିବା କ୍ରୀଡ ଉତ୍ସବ।

ଜୟପୁର,୧୬।୧୨ (ନି.ପ୍ର.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ପୁରୁଣାଗଡସ୍ଥିତ ହନୁମାନ ମନ୍ଦିରରୁ କ୍ରୀଡ଼ା ମଶାଲ ଆସିବା ପରେ ପ୍ରଧାନ ଶିକ୍ଷକ ସିମାଞ୍ଚଳ ମିଶ୍ର କ୍ରୀଡ଼ା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଶିକ୍ଷକ ନରେଶ ଷଡଙ୍ଗୀ, ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଞ୍ଜନ ଗୌଡ଼ ଛାତ୍ରୀଛାତ୍ରଙ୍କୁ କ୍ରୀଡାର ଉପାଦେୟତା ଉପରେ ବୁଝାଇ ଏଥିରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। କ୍ରୀଡା କର୍ଯ୍ୟକ୍ରମକୁ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଭାତ ରଥ,ଏନ. ପଦ୍ମାବତୀ, ସୋମନାଥ ସାକିଆ, କଲ୍ୟାଣୀ ନାୟକ, ଶୁଭସ୍ମିତା ସାହୁ, ରଶ୍ମିତା ନାହାକ, ସନ୍ତୋଷିନୀ ପଣ୍ଡା, ସୁଚରିତା ପଟ୍ଟନାୟକ, ପ୍ରପିତା ପ୍ରଧାନ, ବନିତା ପଣ୍ଡା, ବନିତା ଶତପଥୀ, ସାଗରିକା ପାତ୍ର, କାଳି ପ୍ରସାଦ ମିଶ୍ର, ପ୍ରଭାକର ମହାରଣା, ରଜନୀକାନ୍ତ ଘଡ଼େଇ, ଏ. ମୁରଲୀ ପ୍ରମୁଖ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ପ୍ରମିଳା କୋମ୍ପୋଜୁ ଧନ୍ୟବାଦ ଦେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ।

# ଜଗଦୀଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଜୟପୁର, ୧୬।୧୨ (ନି.ପ୍ର.)

ଜଗଦିଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଏହି ପ୍ରତିଯୋଗିତାକୁ ସରକାରୀ ବାଳିକା ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୟାନିଧି ବିହାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଛାତ୍ର ମାନଙ୍କ ଦ୍ୱାରା ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ମନ୍ଦିରରୁ ମାଶଲ ଖେଳ ପଡିଆକୁ ଆଣାଯାଇଥିଲା। ଏହି ମଶାଲକୁ ମୁଖ୍ୟଅତିଥି ବିହାରୀ ଛାତ୍ରଙ୍କଠାରୁ ଗ୍ରହଣ କରି ପଡିଆରେ ସ୍ଥାପନ କରିଥିଲେ। ପରେ ଛାତ୍ରମାନେ ପରେଡ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ ଉଦଘାଟନୀ ଉତ୍ସବରେ ଅଧକ୍ଷତା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସୀମାଦ୍ରି ଅପ୍ପନା, ତ୍ରିନାଥ ପଟ୍ଟନାୟକ, ମହମ୍ମଦ ସରିଫ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ବାସୁଦେବ ସେନାପତି ସ୍ୱାଗତ ସୂଚନା ଦେଇଥିଲେ। ଚଳିତ ବର୍ଷ ଏହି ସପ୍ତାହରେ ଓଡ଼ିଶାର ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡା ଉତ୍ସବମାନ ଆୟୋଜନ କରି ପୁରୁଷ ବିଶ୍ୱ ହକି ପ୍ରତିଯୋଗିତାର ବାର୍ତ୍ତା ଓ ହକିକୁ ଛାତ୍ର,ସମ୍ପର୍କରେ ଅବିଭାବକ ଓ ସାଧାରଣ ଲୋକଙ୍କ ମଧରେ ଅର୍ଜନ ଲୋକପ୍ରିୟତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଦୌଡ, ଭଲିବଲ, କବାଡି, ଖୋଖୋ ଖେଳ ପ୍ରତିଯୋଗିତା ହୋଇଥିଲା। ଏହାକୁ ଶିକ୍ଷୟିତ୍ରୀ ଏ.ଶ୍ୱେତା, ମାଧୁରୀ ମଧୁମିତା, ସୁଧାରାଣୀ ଭୁବତି, ମିନତି ପାତ୍ର, ମଞ୍ଜୁଳା ପାଣିଗ୍ରାହୀ, ଶିକ୍ଷକ କମଳ ଲୋଚନ ଶିଶା, ବ୍ଲକ କ୍ରୀଡା ସମ୍ପାଦକ ଶୁଭେନ୍ଦୁ ପ୍ରଧାନ, ଶାରୀରିକି ଶିକ୍ଷା ଶିକ୍ଷକ ବାସୁଦେବ ସେନାପତି ପରିଚାଳନା କରିଥିଲେ।

# ଲିଫ୍ଟରେ ୩୦ ମିନିଟ୍ ପର୍ଯ୍ୟନ୍ତ ଫସିଲେ ରୋଗୀ, ସମ୍ପର୍କୀୟ

ନବରଙ୍ଗପୁର,୧୬।୧୨(ବି.ପ୍ର.)

ନବରଙ୍ଗପୁର ମାତୃ ଓ ଶିଶୁ ବିଭାଗରେ ଲିଫ୍ଟ ଭିତରେ ୩୦ ମିନିଟ ରୋଗୀ ଓ ତାଙ୍କ ସମ୍ପର୍କୀୟ ଫସି ରହିଲେ। ମେଡ଼ିକାଲର ଲିଫ୍ଟ ଟେକ୍ନିସିଆନ ଆସିବା ପରେ ସମସ୍ତଙ୍କୁ ଉଦ୍ଧାର ଲରାଯାଇଛି। ସୂଚନାନୁଯାୟୀ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ରାଜ୍ୟ କାର୍ଯ୍ୟ କାରିଣୀ ସଭାପତି ପ୍ରଶାନ୍ତ ପଣ୍ଡା ତାଙ୍କ ୨ ଖୁଡି, ଭାଇ ଓ ତପନ ବଷୋୟୀଙ୍କ ସହ ଲିଫ୍ଟରେ ଉପର ମହଲାକୁ ଯାଉଥିଲେ।ଏହି ସମୟରେ ଲିଫ୍ଟଟି ଅଟକି ରହିଥିଲା। ସନ୍ଧ୍ୟା ୭ଟା ୫୦ରୁ ୮ଟା ୨୦ ପର୍ଯ୍ୟନ୍ତ ଲିଫ୍ଟ ଅଧା ରାସ୍ତାରେ ରହିଗଲା। ଇଲେକ୍ଟ୍ରି ଫିୟୁଜ ଚାଲିଯିବାରୁ ଏହିଭଳି ଅଘଟଣ ଘଟିଥିଲା। ତୁରନ୍ତ ଜିଲା ସ୍ୱାସ୍ଥ୍ୟ ବିଭାଗ ଟେକ୍ନିସିଆନ ଆସି ଫିୟୁଜ ପକାଇବା ପରେ ସମସ୍ତଙ୍କୁ ଲିଫ୍ଟରୁ ଉଦ୍ଧାର କରିଥିଲେ। ଲିଫରେ ଭେଣ୍ଟିଲେଶନ ଥିବାରୁ ନିଶ୍ୱାସ ପ୍ରଶ୍ୱାସ ନେବାରେ କୌଣସି ଅସୁବିଧା ହୋଇନଥିଲା। ତଥାପି ଲିଫ୍ଟ ଭିତରେ ୩୦ ମିନିଟ ରହିଯିବାରୁ ସମସ୍ତେ ଅସ୍ତବ୍ୟସ୍ତ ହୋଇଯାଇଥିବା ଜଣାପଡିଛି।

# ପରବରେ ମୁଖ୍ୟ ଅତିଥି ହେବେ ଆଇନମନ୍ତ୍ରୀ

କୋରାପୁଟ,୧୬।୧୨(ସ୍ୱ.ପ୍ର)

କୋରାପୁଟ ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟ ପଡିଆଠାରେ ଆସନ୍ତା ୧୭ ତାରିଖରେ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବର ରୌପ୍ୟ ଜୟନ୍ତୀ ଉତ୍ସବ। ଏହାର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଆଇନ, ଅନୁସୂଚିତ ଜାତି ଓ ଜନଜାତି, ସଖ୍ୟାଲଘୁ ଏବଂ ପୁଛଆବର୍ଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗ ଦେବେ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝି, କୋରାପୁଟ ଜିଲା ଉନ୍ନୟନ ପରିଷଦର ଅଧକ୍ଷ ଚନ୍ଦ୍ର ଶେଖର ମାଝି, ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, କୋରାପୁଟ ଓ ନବରଙ୍ଗପୁର ଏମ୍‌ପି ଏବଂ ଜିଲାର ୫ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପରବର ଦ୍ୱିତୀୟ ଦିନରେ ରାଜ୍ୟ ସଂସ୍କୃତି ଏବଂ ଭାଷା ସାହିତ୍ୟ ବିଭାଗର ଅତିରିକ୍ତ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏହି ଦିବସର ସମ୍ମାନିତ ଅତିଥିଭାବେ ରେଳବାଇ ୱାଲଟିୟର ଡିଭିଜନର ଡିଆରଏମ ଅନୁପ ଶତପଥୀ, ଡିଆଇଜି ରାଜେଶ ପଣ୍ଡିତ, ବିଏସ୍‌ଏଫ୍ ଡିଆଇଜି, କୋରାପୁଟ ଏସ୍‌ପି, ହାଲ୍‌ର ଜିଏମ, ନାଲ୍‌କୋର ଜିଏମଙ୍କ ସହ କୋରାପୁଟ, ମାଲକାନାଗରି, ରାୟଗଡା, ନବରଙ୍ଗପୁର ଜିଲାର ଜିଲାପାଳମାନେ ଉପସ୍ଥିତ ରହିବେ। ପରବର ଉଦଯାପନୀ ଦିବସରେ ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେବେ। ସେହିପରି ଏଥିରେ ସମ୍ମାନିତ ଅତିଥି ରୂପେ କୋରାପୁଟ ଓ ନବରଙ୍ଗପୁର ଏମ୍‌ପିଙ୍କ ସମେତ ୫ ବିଧାୟକ ଓ ଜିଲା ପରିଷଦ ଅଧକ୍ଷା ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# କେନାଲରେ ପାଣି ଯୋଗାଇଦେବାକୁ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କୁ ଭେଟିଲେ ଚାଷୀ

ଜୟପୁର,୧୬।୧୨(ନି.ପ୍ର.)

କୁନ୍ଦୁରା ବ୍ଲକ ରାଣୀଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀ ଠାକୁରାଣୀ ପାଣି ପଞ୍ଚାୟତର ସଦସ୍ୟମାନେ କେନାଲରେ ପାଣି ଯୋଗାଇବା ନେଇ ବାରିଣୀପୁଟସ୍ଥିତ ଉପର କୋଲାବ ପ୍ରକଳ୍ପର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପାଣି ପଞ୍ଚାୟତ ସଭାପତି ଧନପତି ପୂଜାରୀ, ସମ୍ପାଦକ ରାଜେନ୍ଦ୍ର ମାଝିଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ମଧ ଦାବିପତ୍ର ଦେଇଛନ୍ତି। ଏହି ସମୟରେ ସୁଉନିଗୁଡ଼ା, ରାଣୀଗୁଡ଼ା, ଶିରାଗୁଡ଼ା, କଲଗଭଙ୍ଗା, ଟେମେରାଗୁଡ଼ା, ରାଲାଗଡ଼ା, ଭାଲୁଗୁଡ଼ା ଆଦି ଗ୍ରାମର ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବିଗତ ଦିନରେ କେନାଲ ପାଣିରେ ଉଭୟ ଖରିଫ ଓ ରବିଋତୁରେ ବିଭିନ୍ନ ଚାଷ ହୋଇପାରୁଥିଲା। କିଛି ବର୍ଷ ହେବ ଜଳସେଚନ ବିଭାଗର



ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କୁ ଭେଟିବାକୁ ଆସିଥିବା ଚାଷୀ।

ଜଳ ପରିଚାଳନାରେ ତ୍ରୁଟି ଯୋଗୁ ଖରାଦିନେ କେନାଲ ପାଣିରୁ ଚାଷୀ ବଞ୍ଚିତ ହେବାରୁ ଜମି ପଡ଼ିଆ ପଡୁଛି । କୃଷିଜୀବୀ ଓ ଶ୍ରମିକମାନେ କାମ ନ ପାଇ ଦାଦନ ଶ୍ରମିକ ଖଟିଯିବାକୁ ବାଧ ହେଉଛନ୍ତି । ପାଣି ନ ପାଇ ମଧ ଚାଷୀ ଜଳକର ଦେଉଛନ୍ତି । ଜଳସେଚନ ବିଭାଗ ଦ୍ୱାରା ଆଉଟଲେଟଗୁଡ଼ିକର ମରାମତି, ଆୟକଟ ଅଞ୍ଚଳ ଅନୁଯାୟୀ ଜଳ ଛଡ଼ାଯିବା, ଖରାଦିନେ କେନାଲର ବଳକା ପାଣି ପଟରା ନଦୀ, କାଳିଆ ଗାଁ ନାଳ, ସତୀ ନଦୀ ଜଳଭଣ୍ଡାରର ପାଣି କୋଲାବ ନଦୀକୁ ଛଡ଼ାଯାଉଛି । ତାହା ସାବେରୀ ନଦୀ ଦେଇ ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀରେ ମିଶୁଛି । ତାହାକୁ ବନ୍ଦକରି ଉପର କୋଲାବ କେନାଲରେ ଚାଷୀଙ୍କୁ ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

